ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Tourism(Od)/208/20-03-2025**

# ଆସ ମୋ ଜୀବନ ଧନ ମୋ ପଖାଳ କଂସା – ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା

- ପଖାଳ ଖାଇ ପଖାଳ ଦିବସ ପାଳିଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା
- ବିଶ୍ୱ ଯେଉଁ କୋଣେ ଓଡିଆ, ସେହି କୋଣେ  ପଖାଳ

ଭୁବନେଶ୍ୱର, ୨୦/୦୩/୨୦୨୫

ବିଶ୍ୱରେ ଓଡ଼ିଶାର ଲୋକ ଯେଉଁଠି ରହୁଛନ୍ତି, ପଖାଳ ସେଇଠି ପହଞ୍ଚିଛି । ଓଡିଆମାନଙ୍କ ପାଇଁ ପଖାଳ ହେଉଛି ଜୀବନ ଧନ । ପଖାଳ ସହିତ ମା’  ର ସ୍ନେହ ଓ ଭାବ ଯୋଡି ହୋଇ ରହିଛି । ବିଭିନ୍ନ ରୋଗ ଓ ବାର୍ଦ୍ଧକ୍ୟ ଜନିତ ରୋଗର ଉପଶମ ପାଇଁ ପଖାଳ ହେଉଛି ଏକମାତ୍ର ଔଷଧ । ବର୍ତ୍ତମାନର ନୂଆ ଜୀବନଧାରାରେ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ଓ ସନ୍ତୁଳନ ରଖିବା ନିମନ୍ତେ ପଖାଳ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି ବୋଲି  ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆଜି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ସହଭାଗିତାରେ ଆୟୋଜିତ ବିଶ୍ୱ ପଖାଳ ଦିବସ ପାଳନ ଅବସରରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଛପନ ଭୋଗରେ ପଖାଳ ଓ ଟଙ୍କ ପାଣିର ମଧ ମହତ୍ତ୍ୱ ରହିଛି ।  ଆମ ଅସ୍ମିତା ଆମ ସଂସ୍କୃତି ଆମ ପଖାଳ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମଧ ସେ ଉଲ୍ଲେଖ କରିଛନ୍ତି ।  ଏହା ସହ ଓଡ଼ିଶାର ଯୁବ ପିଢି ପଖାଳର ଉପାଦେୟତାକୁ ବୁଝି ବ୍ଲଗ ଓ ସୋସିଆଲ ମିଡିଆ ମାଧମରେ ପଖାଳ ଓ ପଖାଳ ସହ ଜଡ଼ିତ ଓଡିଆ ସାହିତ୍ୟର ପ୍ରଚାର ପ୍ରସାର କରିବାକୁ ସେ ଅନୁରୋଧ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଯୋଗ ଦେଇ କହିଲେ ଯେ ପଖାଳ ହେଉଛି ଆମ ପରିବେଶ ଅନୁକୂଳ ଖାଦ୍ୟ । ଏବେ ଖାଦ୍ୟର ଟ୍ରେଣ୍ଡ ବଦଳିଯାଇଛି । ବଡ ବଡ ହୋଟେଲ ମଧ ପଖାଳ ପ୍ଲାଟର ନାଁରେ ନୂଆ ଖାଦ୍ୟ ଢାଞ୍ଚା ଆଣିଲେଣି । ମୁଁ ଆଶା କରୁଛି ଯେ ବିଶ୍ୱ ପଖାଳ ଦିବସ ପାଳନ ଦ୍ୱାରା ଆମେ ପଖାଳକୁ ବିଶ୍ୱର କୋଣେ ଅନୁକୋଣେ ପହଞ୍ଚାଇପାରିବା ।

କଳିଙ୍ଗ ହସ୍ପିଟାଲରେ ମୁଖ୍ୟ ଡାଇଟିସିଆନ ଶ୍ରୀମତୀ ଅଞ୍ଜନା ତ୍ରିପାଠୀ ଏହି ଅବସରରେ କହିଲେ ଯେ ଖରାଦିନର ଡାଏଟରେ ପଖାଳ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ପଖାଳରେ ପ୍ରାକୃତିକ ପ୍ରୋ – ବାୟୋଟିକସ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଲେ ଯେ ପଖାଳ ଖାଇଲେ ଆମକୁ ବାର ବାର ଭୋକ ଲାଗିନଥାଏ ଯାହାଦ୍ୱାରା ଆମ  କ୍ୟାଲେରୀ ମଧ ନିୟନ୍ତ୍ରଣ ହୋଇଥାଏ । ପଖାଳ ସହିତ ଆମେ ତେଲ ତିଆରି ଖାଦ୍ୟକୁ ଏଡାଇବା ଦରକାର । ପଖାଳ ସହିତ ଆମକୁ ଶାଗ ଭଜା, ଡାଲି ବରା, କାକୁଡି, ଲେମ୍ବୁ ଲେ ମ୍ବୁ ମ୍ବୁ ଓ ଦହି ଖାଇବାର ଆବଶ୍ୟକତା ଅଛି ।

ବହୁ ଓଡିଆ ଫୁଡ ବ୍ଲଗରମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଓଡିଆ ଖାଦ୍ୟକୁ ଇଣ୍ଟରନେଟ ଜରିଆରେ ସୁଦୂର ପ୍ରସାର କରିଥିବା ଯୋଗୁଁ ୭ ଜଣ ପ୍ରମୁଖ ଫୁଡ଼ ବ୍ଲଗର – ସେନୋରିଟା ଦାସ, ଅଙ୍କିତା ତ୍ରିପାଠୀ, ମେହେକ ମହାପାତ୍ର, ସାନ ଶେଖ,ଆୟୁଷ କୁମାର ଏବଂ ଆଲୋକ ପ୍ରସାଦ ମହାପାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ  ସମ୍ବର୍ଦ୍ଧିତ କରାଯାଇଥିଲା ।

ପର୍ଯ୍ୟଟନ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ତାଙ୍କ ସ୍ୱାଗତ ଭାଷଣରେ କହିଲେ ଯେ ପଖାଳ ହେଉଛି ଆମ ଓଡିଆ ଖାଦ୍ୟର ଏକ ଅନନ୍ୟ ଉତ୍ସବ । ଆଗାମୀ ସପ୍ତାହରେ ସୋନି ଟିଭିରେ ମାଷ୍ଟର ଶେଫ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଓଡ଼ିଶା ବ୍ୟଞ୍ଜନ ଉପରେ ଆଧାରିତ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ପର୍ଯ୍ୟଟନ ନିର୍ଦ୍ଦେଶିକା ମାନସୀ ନିମ୍ଭାଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ